# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 February – 2026

**********************************

## ମୁଖ୍ୟ ସମ୍ବାଦ

- ଦେଶକୁ ସଶକ୍ତ କରିବାରେ ସୁସ୍ଥ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ; ଜାତୀୟ ଆରୋଗ୍ୟ ମେଳା ୨୦୨୬ର ଶୁଭାରମ୍ଭ କରି କହିଲେ ରାଷ୍ଟ୍ରପତି
- ଜରାୟୁ କର୍କଟକୁ ପ୍ରତିହତ କରିବା ପାଇଁ ଆସନ୍ତା ୨୮ ତାରିଖରେ ଦେଶବ୍ୟାପୀ ଆରମ୍ଭ ହେବ କିଶୋରୀ ଟିକାକରଣ
- ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣତି ଆସନ୍ତା ମାସ ପ୍ରଥମ ସପ୍ତାହରେ ହେବା ନେଇ ଆଇନ୍‌ମନ୍ତ୍ରୀଙ୍କ ସୂଚନା

ଏବଂ

- ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ମାସ ୯ ତାରିଖରୁ ହେବ ଆରମ୍ଭ

## ରାଷ୍ଟ୍ରପତି

ଦେଶକୁ ସଶକ୍ତ କରିବାରେ ସୁସ୍ଥ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ମହାରାଷ୍ଟ୍ରର ବୁଲଧାନାଠାରେ ଜାତୀୟ ଆରୋଗ୍ୟ ମେଳା ୨୦୨୬ର ଶୁଭାରମ୍ଭ କରି ରାଷ୍ଟ୍ରପତି କହିଛନ୍ତି, ଦେଶବାସୀଙ୍କୁ ସୁସ୍ଥ ରଖିବାରେ ଆୟୁଷ ଚିକିତ୍ସା ପଦ୍ଧତିର ବହୁମୂଲ୍ୟ ଯୋଗଦାନ ରହିଛି। ଯୋଗ, ଆୟୁର୍ବେଦ ପୁରାତନ କାଳରୁ ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଆସୁଛି।  ଆୟୁଷ ପଦ୍ଧତିକୁ ପ୍ରୋତ୍ସାହନ ଦେବା ଦ୍ୱାରା ଲୋକଙ୍କ ଶାରୀରିକ ଓ ଆର୍ଥିକ ସ୍ୱାସ୍ଥ୍ୟ ସ୍ୱଚ୍ଛଳ ରହିବା ସହିତ ପରିବେଶ ଉପରେ ସକାରାତ୍ମକ ପ୍ରଭାବ ସୃଷ୍ଟି ହୋଇଥାଏ। ଦେଶର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ପାଇଁ ଆୟୋଜିତ ହୋଇଥିବା ଏହି ମେଳା ୪ ଦିନ ଧରି ଚାଲିବ। ମେଳାରେ ଆୟୁଷ ଚିକିତ୍ସା ପଦ୍ଧତିର ବିଭିନ୍ନ ଦିଗ ଉପରେ ବିଚାର-ବିମର୍ଶ ସହିତ ଆଲୋଚନା କରାଯିବ। ଲୋକଙ୍କ ସଚେତନତା ବୃଦ୍ଧି କରିବା ପାଇଁ ଏହି ଶିବିରର ଆୟୋଜନ କରାଯାଇଛି। ଆୟୁଷର ସମସ୍ତ ଦୃଷ୍ଟିକୋଣକୁ ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇବାର ଏହି ମେଳା ଏକ ସଶକ୍ତ ମାଧ୍ୟମ ପାଲଟିବ ବୋଲି ରାଷ୍ଟ୍ରପତି କହିଛନ୍ତି।

**- V/O - (**ଦ୍ରୌପଦୀ ମୁର୍ମୁ **)**

## ଜରାୟୁ ଟିକା

ଦେଶରେ ଆସନ୍ତା ୨୮ ତାରିଖରେ କିଶୋରୀମାନଙ୍କୁ ଜରାୟୁ କର୍କଟ ଟିକା ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ୧୪ ବର୍ଷ ପର୍ଯ୍ୟନ୍ତ ବାଳିକାଙ୍କୁ ଗୋଟିଏ ଡୋଜ୍ ପ୍ରଦାନ କରାଯିବ। ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ୨୦୨୬-୨୭ ଆର୍ଥିକବର୍ଷରେ ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ଆରମ୍ଭ ହେବ। ଅଭିଯାନରେ ସମସ୍ତ ପ୍ରକାର କର୍କଟ ରୋଗ ପ୍ରତିହତ ପାଇଁ ପଦକ୍ଷେପ ନିଆଯିବ। ରାଜ୍ୟ ସରକାର ଅଭିଯାନ ନିମନ୍ତେ ୩୧୧ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

ଶୁଣନ୍ତୁ ଜରାୟୁ କର୍କଟ ସମ୍ପର୍କରେ ଏକ ସ୍ୱତନ୍ତ୍ର ରିପୋର୍ଟ....

ଦେଶରେ ବିଶ୍ୱର ଏକତୃତୀୟାଂଶ ମହିଳା ଜରାୟୁ କର୍କଟ ରୋଗରେ ପୀଡିତ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟରୁ ଜଣାପଡିଛି। ପ୍ରତିବର୍ଷ ପ୍ରାୟ ୮୦ ହଜାରରୁ ଅଧିକ ନୂଆ ମାମଲା ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ୪୨ ହଜାରରୁ ଊର୍ଦ୍ଧ୍ୱ ପୀଡିତା ଏଥିରେ ପ୍ରାଣ ହରାଉଛନ୍ତି। ମହିଳାଙ୍କଠାରେ ପ୍ରତିକାରଯୋଗ୍ୟ କର୍କଟ ରୋଗକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଦେଶବ୍ୟାପୀ ହ୍ୟୁମାନ ପଲିଲୋମା ଭାଇରସ୍-ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି। ୧୪

ବର୍ଷୀୟ କିଶୋରୀମାନଙ୍କୁ ଏହି ଟିକା ପ୍ରଦାନ କରାଯିବ। ଯାହା ଗର୍ଭାଶୟ ଗ୍ରୀବା କର୍କଟ ଦୂର କରିବାରେ ସହାୟକ ହେବ।

ସରକାରଙ୍କ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମରେ ଏହାକୁ ସାମିଲ କରାନଯାଇ ଏକ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଭାବେ ପ୍ରଦାନ କରାଯିବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏ ନେଇ ସୁପାରିସ କରିଥିଲା। ଜାତୀୟ କାର୍ଯ୍ୟକ୍ରମ ଅଧୀନରେ ଟିକାକରଣ ସ୍ୱେଚ୍ଛାକୃତ ଓ ନିଃଶୁଳ୍କ ରହିବ। ଠିକ୍ ବୟସରେ ପ୍ରତିକାର କରାଗଲେ ଏହି କର୍କଟ ବିରୋଧରେ ଜୀବନବ୍ୟାପୀ ସୁରକ୍ଷା ପ୍ରଦାନ କରିହେବ। ୨୦୦୬ ମସିହାରେ ଏହି ଟିକା ଆସିବା ପରଠାରୁ ବିଶ୍ୱବ୍ୟାପୀ ୫୦ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ପ୍ରଦାନ କରାଯାଇଛି।

ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଟିକାକରଣ ଯୋଗୁଁ ବିଭିନ୍ନ ଦେଶରେ ଏଚ୍‌ପିଭି ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇବାରେ ଲାଗିଛି। ଭାରତରେ ଏହି ଟିକାକରଣ ହେବା ପରେ ଏହା ବିଶ୍ୱରେ ଟିକାକରଣ କରିଥିବା ୧୬୦ ଦେଶ ମଧ୍ୟରେ ସାମିଲ ହେବ। ଦେଶବ୍ୟାପୀ ହେବାକୁ ଥିବା ଏହି ଟିକାକରଣ କାର୍ଯ୍ୟକ୍ରମ ମହିଳାଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

ଆକାଶବାଣୀ ସମ୍ବାଦ ବିଭାଗକୁ ଡାକ୍ତର ଜୟନ୍ତ ପଣ୍ଡା ପ୍ରତିକ୍ରିୟାରେ କହିଛନ୍ତି.....

# - V/O -

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ଅନ୍ନପୂର୍ଣ୍ଣା ଦେବୀ

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ଉପମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁ ବିକାଶ ବିଭାଗ ସହ ଜଡିତ ବିଭିନ୍ନ ପ୍ରସଙ୍ଗ, ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ପ୍ରୟାସ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି।

## ଅମିତ ଶାହ

କଟକର ମୁଣ୍ଡୁଳିସ୍ଥିତ ଖାରବେଳ ଆଂଚଳିକ ତାଲିମ କେନ୍ଦ୍ର-କେଆରଟିସିଠାରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ-ସିଆଇଏସ୍ଏଫ୍ ଆସନ୍ତା ମାର୍ଚ୍ଚ ମାସ ୭ ତାରିଖରେ ତା'ର ପ୍ରତିଷ୍ଠା ଦିବସ ପାଳନ କରିବ। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଯୋଗଦେବେ। ଏହି ଅବସରରେ ସକାଳ ୭ଟା ୪୫ମିନିଟ୍‌ରେ ସିଆଇଏସ୍ଏଫ୍ ପକ୍ଷରୁ ପରେଡ୍ ଅନୁଷ୍ଠିତ ହେବ। ପ୍ରାୟ ୨ ଘଣ୍ଟା ଧରି ହେବାକୁ ଥିବା ଏହି ପରେଡ୍‌ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହ ଅଭିବାଦନ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଅଗ୍ନିବିପତ୍ତି ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ

ସିଆଇଏସ୍‌ଏଫ୍ ସହିତ ସମ୍ମିଳିତ ଭାବରେ ଆଗ୍ନିକ ଟିମ୍ ଏବଂ କୁଇକ୍ ରିଆକ୍ସନ୍ ଟିମ୍-କ୍ୟୁଆରଟି କିଭଳି ଭାବେ ବିପଦର ମୁକାବିଲା କରିବା ସହ ଜନସାଧାରଣଙ୍କୁ ଉପଯୁକ୍ତ ସୁରକ୍ଷା ଯୋଗାଇ ଦେବେ ତା'ର ଏକ ଡେମୋ ପ୍ରଦର୍ଶନ କରାଯିବ।

## ରତ୍ନଭଣ୍ଡାର

**ପୁରୀ** ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣତି ଆସନ୍ତାମାସ ପ୍ରଥମ ସପ୍ତାହରେ ହେବ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଛତିଶାନିଯୋଗ ସହିତ ଆଲୋଚନା ଶେଷ ହୋଇଛି। ଖୁବ୍ ଶୀଘ୍ର ଏଥିନେଇ ସମୟ ଧାର୍ଯ୍ୟ କରାଯିବ। ପରିଚାଳନା କମିଟି ଓ ମନ୍ଦିର ପ୍ରଶାସନକୁ ଗଣତି-ମଣତି ଦାୟିତ୍ୱ ଦିଆଯାଇଛି। ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ, ସଠିକ୍ ସମୟ ସ୍ଥିର କରାଯାଇ ତାରିଖ ଘୋଷଣା ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## ବିଧାନସଭା

ସପ୍ତଦଶ ବିଧାନସଭାର ଷଷ୍ଠ ତଥା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ମାର୍ଚ୍ଚ ମାସ ୯ ତାରିଖରୁ ଆରମ୍ଭ ହେବ। ୯ ତାରିଖ ଦିନ ଗୃହରେ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଉପସ୍ଥାପନ ହେବ। ମାର୍ଚ୍ଚ ୧୦ ତାରିଖରୁ ବିଭିନ୍ନ ବିଭାଗର ଖର୍ଚ୍ଚଦାବୀ ଉପରେ ଆଲୋଚନା ଆରମ୍ଭ ହେବ। ମାର୍ଚ୍ଚ ମାସ ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଗତ ୨୦

ତାରିଖରେ ଗୃହରେ ଉପସ୍ଥାପିତ ୨୦୨୬-୨୭ ଆର୍ଥିକବର୍ଷର ବଜେଟ୍ ପାରିତ ହେବାର କାର୍ଯ୍ୟସୂଚୀ ରହିଛି। ଏପ୍ରିଲ ମାସ ୮ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଚାଲିବ। ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟକୁ ଗତକାଲି ବାଚସ୍ପତି ସୁରମା ପାଢ଼ୀ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

## ସାଇବର ଠକେଇ

**ଭଦ୍ରକ** ଜିଲ୍ଲାରେ ସାଇବର ଠକେଇ ଅଭିଯୋଗରେ ଜିଲ୍ଲା ପୁଲିସ୍ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବିଭିନ୍ନ ବ୍ୟାଙ୍କର ମ୍ୟାନେଜରଙ୍କ ପକ୍ଷରୁ ୨ କୋଟିରୁ ଅଧିକ ସାଇବର ଅର୍ଥ ଠକେଇ ନେଇ ଥାନାରେ ଏତଲା ଦାୟର ହୋଇଥିଲା। ଅଭିଯୋଗ ଭିତ୍ତିରେ ପୁଲିସ୍ ମାମଲା ରୁଜୁ କରି ତଦନ୍ତ କରିବା ସହିତ ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବ୍ୟାଙ୍କ ଏଟିଏମ୍, ଆଧାରକାର୍ଡ ଓ ମୋବାଇଲ ଜବତ କରାଯାଇଥିବା ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

## ଭୂତଳ ଜଳ କର୍ମଶାଳା

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜାତୀୟ ଭୂତଳ ଜଳସ୍ତର ମାନଚିତ୍ର ଏବଂ ପରିଚାଳନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ କେନ୍ଦ୍ରୀୟ ଭୂତଳ

ଜଳବୋର୍ଡର ଗବେଷକ ଏବଂ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଗଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କର୍ମଶାଳାରେ ଜାତୀୟ ଭୂତଳ ଜଳସ୍ତର ମାନଚିତ୍ରଣ ଏବଂ ପରିଚାଳନା କାର୍ଯ୍ୟକ୍ରମର ଜିଲ୍ଲାରେ  ବିଭିନ୍ନ ଜଳଭଣ୍ଡାରର ମ୍ୟାପିଂ ତଥା ଭୂତଳ ଜଳଭଣ୍ଡାରର ସ୍ଥିତି ଓ କୃଷିକ୍ଷେତ୍ରରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା ହୋଇଥିଲା।

## ବାସୀ ଖାଦ୍ୟ

**ଭଦ୍ରକ** ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ଓ ପୌରପାଳିକା ପକ୍ଷରୁ ଚରମ୍ପା, ଅପର୍ତ୍ତିବିନ୍ଧା, ବସଷ୍ଟାଣ୍ଡ ଆଦି ସ୍ଥାନରେ ହୋଟେଲରେ ଖାଦ୍ୟ ଅପମିଶ୍ରଣ ନେଇ ଚଢ଼ାଉ କରାଯାଇଛି। ଚଢାଉ ବେଳେ ବାସୀ ଖାଦ୍ୟ ପରିମଳ ବ୍ୟବସ୍ଥା, ଖାଦ୍ୟରେ ରଙ୍ଗ ବ୍ୟବହାର, ପଲିଥିନ୍ ଆଦି ଯାଞ୍ଚ କରାଯାଇ ଜୋରିମାନା ଆଦାୟ ହେବା ସହିତ ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ଆମେ ପଢ଼ିବୁ ଆମ ଭାଷାରେ

**ଗଜପତି** ଜିଲ୍ଲା ପ୍ରଶାସନ ପକ୍ଷରୁ 'ଆମେ ପଢ଼ିବୁ ଆମ ଭାଷାରେ' ସଂପର୍କିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅଧୀନରେ ସଉରା ଭାଷାରେ ଅଙ୍ଗନୱାଡି ଶିଶୁମାନଙ୍କୁ ପ୍ରାରମ୍ଭିକ ଶିକ୍ଷାପ୍ରଦାନ ପାଇଁ ଏକଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲାର ଛୋଟ ପିଲାମାନଙ୍କୁ ସେମାନଙ୍କ ମାତୃଭାଷାରେ କଥୋପକଥନ ଶିକ୍ଷାଦାନ, ସଉରା ଭାଷାର

ପ୍ରାରମ୍ଭିକ ଶିକ୍ଷା ପାଠ୍ୟକ୍ରମକୁ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ପରିବେଶ ଅନୁଯାୟୀ ପୁନଃ ରୂପାୟନ କରିବା ପାଇଁ ଅଙ୍ଗନୱାଡି କର୍ମୀମାନଙ୍କୁ ତାଲିମ୍ ପ୍ରଦାନ କରାଯାଉଛି । ଏହି ଅବସରରେ ପାଇଲଟ ପଦକ୍ଷେପ ସ୍ୱରୂପ ଗଜପତି ଜିଲ୍ଲାର ରାୟଗଡ଼ ଓ ଗୁମା ବ୍ଲକ୍‌ର ୩୦ଟି ଅଙ୍ଗନଓବାଡି କେନ୍ଦ୍ରରେ ସଉରା ଭାଷାରେ ୩ ରୁ ୬ ବର୍ଷ ବୟସ୍କ ଶିଶୁମାନଙ୍କୁ ମାତୃଭାଷା ଆଧାରିତ ପ୍ରାକ୍ ଶିକ୍ଷା ପ୍ରଦାନ କରାଯିବ ।

## କରାଟେ

ଦିଲ୍ଲୀର ତାଲକୋଟରା ଇଣ୍ଡୋର ଷ୍ଟାଡିୟମ୍‌ରେ କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍-କିଓ ଆନୁକୂଲ୍ୟରେ ଆସନ୍ତାକାଲିଠାରୁ ମାର୍ଚ୍ଚ ମାସ ୧ ତାରିଖ ପର୍ଯ୍ୟନ୍ତ ଜାତୀୟ ୨୧ ବର୍ଷରୁ କମ୍ ଓ ବରିଷ୍ଠ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଭାଗ ନେବା ପାଇଁ ଓଡ଼ିଶାର ୩୧ ଜଣିଆ ଦଳ ଦିଲ୍ଲୀ ଗସ୍ତ କରିଛନ୍ତି । ଓଡ଼ିଶାରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ବିଜେତା କରାଟେକାମାନେ ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ସେମାନଙ୍କମଧ୍ୟରୁ ୧୬ ଜଣ ପୁରୁଷ ଓ ୧୫ ଜଣ ମହିଳା କରାଟେକା ବିଭିନ୍ନ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ ।

# ପାଣିପାଗ

ଓଡ଼ିଶାର ଉତ୍ତର ଉପକୂଳ ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା

ହୋଇଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨ ରୁ ୩ ଦିନ ମଧ୍ୟରେ ସର୍ବନିମ୍ନ  ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।